## ସଂକ୍ଷେପରେ

### ୪ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

ଜୟପୁର,୨୭।୪(ନି.ପ୍ର.)-ଜୟପୁର ସହରର ଅଧିକାଂଶ ଅଞ୍ଚଳରେ ଗୁରୁବାର ବିଦ୍ୟୁତ୍ ସରବରାହ ବନ୍ଦ ଥିଲା। ଜୟନଗର ଗ୍ରୀଡରେ ମରାମତି କାର୍ଯ୍ୟ ହେଉଥିବାରୁ ସକାଳ ୮ ଠାରୁ ୧୨ ଯାଏ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଜୟପୁର ସହର ମୁଖ୍ୟରାସ୍ତା, ନୁଆସାହି ଅଞ୍ଚଳ, ବାଇପାସ ରୋଡ, ପାର୍କ ଲାଇନ, ଜେଜେ ରୋଡ, ମହାରଣିପେଟା, ପୁଲାରେଡି ପେଣ୍ଠା, ଚନ୍ଦନ ବାଡ ସାହି, ଦଳ ମଣ୍ଡପ ସାହି, ସୌରା ସାହି, ରାଜୁ ସାହି, ମୁଖ୍ୟ ବଜାର ଅଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ଶୁକ୍ରବାର ମଧ ୪ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ଗ୍ରୀଡ ତରଫରୁ ସୂଚନା ଦିଆଯାଇଛି।

### ହିତାଧିକାରୀଙ୍କୁ ହକ୍ ଦାବି

ତେନ୍ତୁଲିଖୁଣ୍ଟି, ୨୭।୪(ଡି.ଏନ୍.ଏ.)- ସରକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ସେମାନଙ୍କ ହକ ଯୋଗାଇ ଦେବା ନେଇ ଏକ କର୍ମଶାଳା ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ଅଧକ୍ଷା ନିଳେନ୍ଦ୍ରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଦୁର୍ଯ୍ୟୋଧନ ଭୋଇ ଯୋଗ ଦେଇଥିଲେ। ସରକାରୀ ଯୋଜନାରୁ ବଞ୍ଚିତଙ୍କୁ ଏହାର ସୁବିଧା ଯୋଗାଇ ଦେବାକୁ ଘର ଘର ବୁଲି ସର୍ଭେ କରିବାକୁ ସେ କହିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଦେବା ସହ ରାସନ କାର୍ଡ ନ ବ୍ୟକ୍ତିଙ୍କୁ ତାହା ଯୋଗାଇଦେବାକୁ ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚିବ ବୋଲି ସେ କହିଥିଲେ। ଏବିଡିଓ କୃପାସିନ୍ଧୁ ନାୟକ, ଉପାଧକ୍ଷ ରାଜେନ୍ଦ୍ର ନାୟକ, ଏବିଇଓ ମୋହନ ମଧୁସୂଦନ ବାଘ, ସିଡିପିଓ ସୁରମା ମହାପାତ୍ର , ବିପ୍ଳଣୀ ନିରୀକ୍ଷକ ରୋହିତ ମାଝି, ବିଏସ୍ଏସ୍ଓ ରବୀନ୍ଦ୍ର ସାହୁ, ଅଙ୍ଗନୱାଡି କର୍ମୀଙ୍କ ସମେତ ଅନ୍ୟ ବ୍ଲକ ତଥା ପଞ୍ଚାୟତ ସ୍ତରୀୟ କର୍ମଚାରୀ ଯୋଗ ଦେଇଥିଲେ।

### ୪ରେ ଦିବ୍ୟାଙ୍ଗଙ୍କ ଉପକରଣ ନିର୍ଦ୍ଧାରଣ ଶିବିର

ଜୟପୁର,୨୭।୪(ନି.ପ୍ର.)- ଆସନ୍ତା ୪ ତାରିଖରେ ଅସ୍ଥିଶଲ୍ୟ ଓ ଶ୍ରବଣବାଧିତ ଦିବ୍ୟାଙ୍ଗଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଉପକରଣ ନିର୍ଦ୍ଧାରଣ ଲାଗି ଏକ ଶିବର ଆୟୋଜନ ହେବ। ଜୟପୁର ବ୍ଲକ ଓ ପୌରାଞ୍ଚଳର ମିଳିତ ଭାବେ ଟାଉନ ହଲଠାରେ ଏହି ଶିବିର ହେବ । ଏ ନେଇ ଜୟପୁର ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିସା କେ ଉପସ୍ଥିତ ଥିଲେ। ଶିବିରରେ ବ୍ଲକ ଅଧିନରେ ଥିବା ୨୨ଟି ପଞ୍ଚାୟତରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା ଅସ୍ଥିଶଲ୍ୟ ଓ ଶ୍ରବଣ ବାଧିତ ହିତାଧିକାରିମାନଙ୍କ ଲାଗି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଉପକରଣ ନିର୍ଦ୍ଧାରଣ କରାଯାଇ ପ୍ରଦାନ କରିବାକୁ ବ୍ୟବସ୍ଥା ହେବ ବୋଲି ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି। ପ୍ରସ୍ତୁତି ବୈଠକରେ ଆସିଡିଏସ ସୁପରଭାଇଜର, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ ।

### ପୂର୍ବତନ ସହକାରୀ ବନ ସଂରକ୍ଷକ, ଠିକାଦାର ଦଣ୍ଡିତ

ମାଲକାନଗିରି,୨୭।୪ (ଡି.ଏନ୍.ଏ.)- ମାଲକାନଗିରି ଜିଲା ବନ ବିଭାଗର ପୂର୍ବତନ ବନ ସଂରକ୍ଷକ ଶରତ ପଣ୍ଡା ଏବଂ ଠିକାଦାର ଜି.ଏମ୍. ସୁବାସ ଚନ୍ଦ୍ର ବୋଷଙ୍କୁ ଜୟପୁର ଦୁର୍ନୀତି ନିବାରଣ ବିଭାଗ ବିଚାରପତି ଏକ ଦୁର୍ନୀତି ମାମଲାରେ ଗୁରୁବାର ଦଣ୍ଡିତ କରିଛନ୍ତି। ପଣ୍ଡାଙ୍କୁ ଦୁଇବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହି ଅର୍ଥ ଅନାଦାୟ ହେଲେ ସେ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ। ସେହିପରି ଠିକାଦାର ସୁବାସଙ୍କୁ ୩ଟି ମାମଲାରେ ୨ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନ୍ୟ ଏକ ମାମଲାରେ ତାଙ୍କୁ ୧ ବର୍ଷ ଜେଲଦଣ୍ଡ ମିଳିଛି। ଏଥିସହ ୨ ହଜାର ଟଙ୍କା ଜରିମାନା ହୋଇଛି। ଏହା ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୦୯ ଜୁନ୍‌ରେ ପଣ୍ଡା ସରକାରୀ ଜମିରେ ଥିବା ଗଛ କାଟିବା ପାଇଁ ଠିକାଦାର ସୁବାସଙ୍କୁ ଅନୁମତି ଦେଇଥିଲେ। ଏନେଇ ଦୁର୍ନୀତି ନିବାରଣ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଏକ ମାମଲା ରୁଜୁହୋଇ ତଦନ୍ତ ଚାଲିଥିଲା। ଏହାର ରାୟ ଏବେ ପ୍ରକାଶ ପାଇଛି। ବିଚାରପତି ଉପରୋକ୍ତ ରାୟ ଶୁଣାଣି କରି ଉଭୟଙ୍କୁ ଦଣ୍ଡିତ କରିଛନ୍ତି।

### ଓରଛା ରାସ୍ତା ଖୋଳି ମାଓବାଦୀଙ୍କ ଅବରୋଧ

ମାଲକାନଗିରି,୨୭।୪ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ଦାନ୍ତେୱାଡା ଜିଲାରେ ବୁଧବାର ମାଓବାଦୀମାନେ ଏକ ବଡ ଅଘଟଣ ଘଟାଇବା ପରେ ଗୁରୁବାର ଭୋର ସମୟରେ ଦାନ୍ତେୱାଡା ଜିଲା ଓରଛା ଗ୍ରାମମୁଖ୍ୟ ରାସ୍ତା ଖୋଳି ପଥର ଓ ଗଛ ପକାଇ ରାସ୍ତା ଅବରୋଧ କରିଛନ୍ତି। ଓରଛା ମୁଖ୍ୟ ରାସ୍ତାର ଧନୋରା ଗ୍ରାମଠାରୁ ୬ କି.ମି. ଅଞ୍ଚଳ ମଧ୍ୟରେ ସେମାନେ ଏପରି ରାସ୍ତା ଖୋଳି ଗଛ ଓ ପଥର ପକାଇ ରାସ୍ତା ଅବରୋଧ କରିଥିବା ଜଣାପଡିଛି। ରାସ୍ତାରେ ନାଲି ବ୍ୟାନର ଓ ପୋଷ୍ଟର ମଧ ଟାଙ୍ଗିଛନ୍ତି। ସୁରକ୍ଷାବାହିନୀ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇଛି।

# ବଣ୍ଡାଘାଟି ଜନଜାତିଙ୍କ ପାଖରେ ଅପହଞ୍ଚ ମୌଳିକ ସୁବିଧା

- ରାସ୍ତା, ଶିକ୍ଷା ସହ ପାନୀୟଜଳ ସମସ୍ୟା ଲାଗିରହିଛି
- ସରକାରୀ ଅଧିକାରୀଙ୍କ କେବେ ପାଦ ପଡ଼େନି
- ଦେଖିବାକୁ ମିଳୁନି ବଣ୍ଡା ଉନ୍ନୟନ ସଂସ୍ଥାର ବିକାଶ

ଖଇରପୁଟ,୨୭।୪(ସ୍ୱ.ପ୍ର.)


ମହିଳାମାନେ ନାଳରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଅଣ୍ଡ୍ରାହାଲ ପଞ୍ଚାୟତରେ ଏପରି କିଛି ଗ୍ରାମ ଅଛି ଯେଉଁଠି ଲୋକେ ଏଯାଏ ମୌଳିକ ସୁବିଧା ଟିକେ ପାଇପାରିନାହାନ୍ତି। ଗ୍ରାମରେ ଲାଗିରହିଛି ପାନୀୟଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ରାସ୍ତାଘାଟ ସମସ୍ୟା। ବର୍ଷାଦିନେ ଗ୍ରାମଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥାଏ। ଏପରି ଦେଖିବାକୁ ମିଳିଛି ବଣ୍ଡାଘାଟିର ପାତ୍ରପୁଟ ଗ୍ରାମ ସମେତ ଅନ୍ୟ କେତେକ ଗ୍ରାମ କ୍ଷେତ୍ରରେ।

ପାତ୍ରପୁଟ ଗ୍ରାମରେ ଶିକ୍ଷାଲାଭ ପାଇଁ ବିଦ୍ୟାଳୟ ଅଛି ମାତ୍ର ଗ୍ରାମକୁ ଆସିବାକୁ ରାସ୍ତା ନ ଥିବାରୁ ଅନେକ ସମୟରେ ଶିକ୍ଷକ ଆସିପାରନ୍ତି ନାହିଁ। ଅଙ୍ଗନୱାଡି କେନ୍ଦ୍ରଟିଏ ମଧ ଗ୍ରାମରେ ନାହିଁ । ପାନୀୟ ଜଳ ପାଇଁ ନାଳପାଣି ଭରସା। ରହିଥିବା ନଳକୂପ ଅଚଳ ହୋଇପଡିଛି। ଖରାଦିନେ ଲୋକେ ନାଳପାଣି ବ୍ୟବହାର କରନ୍ତି। ବର୍ଷାଦିନେ ପାନୀୟ ଜଳ ପାଇବା କଷ୍ଟକର ହୋଇପଡେ। ଜଳଯୋଗାଣ ପାଇଁ ଗ୍ରାମକୁ ଓପିଲିପି ପକ୍ଷରୁ ପାଇପ ଆସିଥିଲେ ମଧ କାମ ନ ହୋଇ ଏହା କେଉଁଠି ଲୋକଙ୍କ ବାଡ ତିଆରିରେ ଲାଗିଛି ତ କେଉଁଠି ବର୍ଷ ବର୍ଷ ଧରି ଅଦରକାରୀ ଭାବେ ପଡିରହିଛି ।

ଗ୍ରାମକୁ ରାସ୍ତା ନ ଥିବାରୁ ଏଠାରେ ବସୁଥିବା ହାଟ ବନ୍ଦ ହୋଇଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ହଇରାଣ ହେଉଛନ୍ତି ଏଠାକାର ବାସିନ୍ଦା। ସରକାରୀ ଅଧିକାରୀମାନଙ୍କ ପାଦ ଏଠାରେ ପଡେ ନାହିଁ। ଅଞ୍ଚଳର ସମସ୍ୟା ସମାଧାନ ନେଇ ବାରମ୍ବାର ଲୋକ ପ୍ରତିନିଧିମାନେ ପ୍ରଶାସନ ନିକଟରେ ଦାବି କରୁଥିଲେ ମଧ କିଛି ସୁଫଳ ମିଳୁନାହିଁ ବୋଲି କହିଛନ୍ତି ଅଣ୍ଡ୍ରାହାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୋମନାଥ ଶିଶା। ପାତ୍ରପୁଟ ଭଳି ଏଠାରେ ଥିବା ଅନ୍ୟ ଗ୍ରାମଗୁଡିକର ବାସିନ୍ଦା ମଧ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିବା ସ୍ୱୀକାର କରିଛନ୍ତି ଖଇରପୁଟ ବ୍ଲକ ଅଧକ୍ଷ ବିମ୍ବ କିର୍ଷାନି। ଗ୍ରାମକୁ ରାସ୍ତା ନ ଥିବାରୁ ବିକାଶମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ବେଳେ ଆଗାମୀ ଦିନରେ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି ବ୍ଲକ ଅଧକ୍ଷ କିର୍ଷାନି। ଅନ୍ୟପକ୍ଷରେ ବଣ୍ଡାଘାଟି ଅଞ୍ଚଳର ଉନ୍ନତି ପାଇଁ ଥିବା ବଣ୍ଡା ଉନ୍ନୟନ ସଂସ୍ଥା (ବିଡିଏ) ବଣ୍ଡା ଜନଜାତିଙ୍କ କି ପ୍ରକାର ବିକାଶ କରୁଛି ତାହା ଦେଖିବାକୁ ମିଳୁନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଦୃଷ୍ଟି ଦେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଯୁବକଙ୍କୁ ହତ୍ୟା ଘଟଣା, ସାଇଣ୍ଟିଫିକ ଟିମ୍‌ର ତଦନ୍ତ


ସାଇଣ୍ଟିଫିକ ତଦନ୍ତ ଟିମ୍ ଓ ପୋଲିସ ତଦନ୍ତ କରୁଛନ୍ତି ।

ଜୟପୁର,୨୭।୪(ନି.ପ୍ର.)

ଜୟପୁର ନୂଆ ସାହିର ଅରୁଣ ଅନକାଙ୍କୁ ସହରରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗୁରୁବାର ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି। ସେପଟେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅରୁଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୋରାପୁଟ ଏସ୍‌ପି ଅଭିନବ ସୋନକାର ଜୟପୁରରେ ପହଞ୍ଚି ସମୀକ୍ଷା କରଥିବା ବେଳେ ତାଙ୍କ ତତ୍ତ୍ୱାବଧାନରେ ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଛି। ଜୟପୁର ଟାଉନ ପୋଲିସ ନଂ. ୧୨୩/୨୩ରେ ହତ୍ୟା ମାମଲା ରୁଜୁ କରିଛି। ସିସି କ୍ୟାମେରାର ଫୁଟେଜ ଆଧାରରେ ପୋଲିସ ତଦନ୍ତ କରୁଥିବା ବେଳେ ଅରୁଣଙ୍କ ମୋବାଇରେ ଧମକ ଆସୁଥିବା ତାଙ୍କ ସ୍ତ୍ରୀ ପୋଲିସକୁ ବୟାନ ଦେଇଛନ୍ତି। ଅରୁଣଙ୍କ ମୋବାଇଲ ଫୋନର ମଧ ଯାଞ୍ଚ ହେବ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ମାସ୍କ ପିନ୍ଧି ଥିବା ୬ରୁ ୭ ଜଣ ଯୁବକ ଅଟୋରେ ଆସି ଅରୁଣଙ୍କୁ ଖଣ୍ଡା, କାତିରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଓ ଲୋକଙ୍କ ଭିଡ ଜମିବାରୁ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ଅରୁଣଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୁଣା ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି । ସନ୍ଦେହଜନକ ବ୍ୟକ୍ତିଙ୍କୁ ଡକାଇ ପୋଲିସ ପଚରା ଉଚରା କରୁଛି ।

# ବିଭିନ୍ନ ସମସ୍ୟା ନେଇ ଏମ୍‌ପି, ବିଧାୟକଙ୍କୁ ଦାବିପତ୍ର

ମାଲକାନଗିରି,୨୭।୪ (ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଲାଗି ସ୍ଥାନୀୟ ବଜରଙ୍ଗ ପରିବାର ପକ୍ଷରୁ ଏମ୍‌ପି, ବିଧାୟକ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୪ଟି ପଞ୍ଚାୟତର ଲୋକ ନିର୍ଭର କରନ୍ତି। ମୁଖ୍ୟତଃ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ଯୋଗାଇଦେବାକୁ ଦାବିପତ୍ରରେ ଦାବି କରାଯାଇଛି। ଜିଲା ସଦର ମହକୁମାଠାରୁ ୨୦ କି.ମି. ଦୂରରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିଜ୍ଞ ଡାକ୍ତର ଥିଲେ ମଧ ବିଭିନ୍ନ ଉପକରଣ ଏବଂ ଜରୁରୀ ଔଷଧର ଅଭାବ ରହିଛି। ଫଳରେ ଗୁରୁତର ରୋଗୀଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାକୁ ଡାକ୍ତର ବାଧ ହେଉଛନ୍ତି।


ବଜରଙ୍ଗ ପରିବାର ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପଦ୍ମଗିରି ସ୍ୱାସ୍ଥ୍ୟକେନ୍ଦ୍ର

ଏଠାରେ ସ୍ଥାୟୀ ଲାବ୍ ଟେକ୍ନିସିଆନ୍, ଷ୍ଟାଫ୍ ନର୍ସ, ହାଉସ୍ କିପିଙ୍ଗ କର୍ମଚାରୀ ନାହାନ୍ତି। ଏ ନେଇ ବାରମ୍ବାର ଦାବିକରି ଆସୁଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉ ନ ଥିବା କୁହାଯାଇଛି। ଅନ୍ୟପକ୍ଷରେ ଚିକିତ୍ସାଧୀନ ଅବସ୍ଥାରେ କୌଣସି ରୋଗୀଙ୍କ ମୃତ୍ୟୁ ହେଲେ ମୃତଦେହ ଘରକୁ ନେବାକୁ ଆମ୍ବୁଲାନ୍ସ ସୁବିଧା ନ ଥିବାରୁ ପରିବାର ଲୋକେ ଅଧିକ ଖର୍ଚ୍ଚାନ୍ତ ହୋଇ ବାହାର ଆମ୍ବୁଲାନ୍ସରେ ମୃତଦେହ ନେଉଛନ୍ତି। ଅନେକ ସମୟରେ ରୋଗୀଙ୍କ ସମ୍ପର୍କୀୟମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଭଳି ପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ନିଃଶୁଳ୍କ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଦାବି କରି ଦାବିପତ୍ରକୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ ନନ୍ଦଙ୍କୁ ପ୍ରଦାନ କରାଯାଇଛି।

# ବିଧାୟକଙ୍କ ତୁଳସୀ ଗ୍ରାମରେ ଉନ୍ନୟନ କାର୍ଯ୍ୟ ତଦାରଖ

ମାଥିଲି,୨୭।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ତୁଳସୀ ପାହାଡ ଗ୍ରାମକୁ ଗତ ୨ ଦିନ ହେଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରୁଛନ୍ତି। ଜନସାଧାରଣଙ୍କ ସହ ଆଲୋଚନା କରି ସମସ୍ୟା ପଚାରି ବୁଝୁଛନ୍ତି। ତାଙ୍କ ସହ ବ୍ଲକ ଅଧକ୍ଷ ମହେଶ ବାକା ବିଡିଓ ହୃଷୀକେଶ ଗଣ୍ଡ, କନିଷ୍ଠ ଯନ୍ତ୍ରୀ ଏଚ୍.ଏସ୍ .ପ୍ରଧାନ, ଥାନା ଅଧିକାରୀ ରଞ୍ଜନ ମାଝି, ଟେମରୁପାଲି ସରପଞ୍ଚ ଦୁମେଶ୍ୱର ସମରଥ, ସାଲମି ସରପଞ୍ଚ ବନ୍ଧୁଭୁମିଆ, ବିଜେଡି ଜିଲା ସମ୍ପାଦକ ସରୋଜ ସାହୁ ପ୍ରମୁଖ ଅଛନ୍ତି। ଗ୍ରାମରେ ଗମନାଗମନ ପାଇଁ ରାସ୍ତା ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର, ପ୍ରତି ଘରକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ନେଇ ଗୁରୁତ୍ୱ ଦେବାକୁ ବିଧାୟକ ବାକା ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରି ତୁଳସୀ ଗ୍ରାମରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଯେପରି ପହଞ୍ଚିବ ସେ ଦିଗରେ ଉଦ୍ୟମ କରିବେ ବୋଲି ବିଧାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଏକଦା ମାଓବାଦୀଙ୍କ ଗଡ଼ ରୂପେ ପରିଚିତ ଥିଲା ତୁଳସୀ ପାହାଡ। ମାଓବାଦୀଙ୍କ ବ୍ଲୁପ୍ରିଣ୍ଟ ଏହି ସ୍ଥାନରୁ ପ୍ରସ୍ତୁତ ହେଉଥିଲା। ସେହି ସ୍ଥାନରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିପାରୁ ନ ଥିଲେ। ରାଜ୍ୟ ସରକାରଙ୍କ ଉଦ୍ୟମରେ କେନ୍ଦ୍ର ସରକାରଙ୍କ ସୀମା ସୁରକ୍ଷା ବଳ ଯବାନମାନେ ତୁଳସୀ ପାହାଡରେ ବାରମ୍ବାର କୋମ୍ବିଂ ଅପରେଶନ ଜାରି ରଖିବାରୁ ମାଓବାଦୀଙ୍କ ଗଡ ଭାଙ୍ଗିଥିଲା। ଫଳରେ ଏବେ ଉକ୍ତ ଅଞ୍ଚଳରେ ପହଞ୍ଚିବା ସହଜ ହୋଇଛି।

# ସ୍ୱୀକାର କଲା ମାଓବାଦୀ ସଙ୍ଗଠନ

## ଯବାନଙ୍କୁ ହତ୍ୟା ଘଟଣା

ମାଲକାନଗିରି, ୨୭।୪ (ଡି.ଏନ୍.ଏ.)




ଛତିଶଗଡ଼ର ଦାନ୍ତେୱାଡା ଜିଲା ଅରଣପୁରଠାରେ ବୁଧବାର ଘଟିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟଣାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଦର୍ଭା ଡିଭିଜନ କମିଟି ପକ୍ଷରୁ ସ୍ୱୀକାର କରାଯାଇଛି। ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଭା କମିଟି ସଚିବ ସାଇନାଥ କହିଛନ୍ତି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମାଓବାଦୀ ଦଳକୁ କ୍ଷତି ପହଞ୍ଚାଇବା ଲାଗି ଜଳ, ଜମି ଏବଂ ଜଙ୍ଗଲ ପାଇଁ ଲଢେଇ କରୁଥିବା ସଙ୍ଗଠନକୁ ଦମନ କରିବାକୁ ପଦକ୍ଷେପ ନେଉଛନ୍ତି। ଦେଶ ବିରୋଧୀ କର୍ପୋରେଟ ସଂସ୍ଥାକୁ ବସ୍ତରର ପ୍ରାକୃତିକ ସମ୍ପଦ ଲୁଟ୍ ପାଇଁ ଯୋଜନା କରାଯାଉଛି। ଏହାକୁ ବିରୋଧ କରି କ୍ରାନ୍ତିକାରୀ ଆନ୍ଦୋଳନ କରୁଥିବା ସଙ୍ଗଠନକୁ ନିର୍ଯାତନା ଦିଆଯାଉଛି। ବସ୍ତର ଅଞ୍ଚଳକୁ ସୈନ୍ୟ ଛାଉଣିରେ ପରିଣତ କରି ଏସ୍ଓଜି ଓ କୋବ୍ରା ବାହିନୀ ମୁତୟନ କରି ଡ୍ରୋନ୍ ହେଲିକପ୍ଟର ଦ୍ୱାରା ଗ୍ରାମବାସୀଙ୍କୁ ଆକ୍ରମଣ କରାଯାଉଛି। ଏହା ବିରୋଧରେ ମାଓବାଦୀଙ୍କ ସଂଗ୍ରାମ ଜାରି ରହିଛି। ସଙ୍ଗଠନ ସାମନ୍ତବାଦୀ ଦଲାଲ, ପୁଞ୍ଜିପତି ଏବଂ ସାମ୍ରାଜ୍ୟବାଦ ବିରୋଧରେ ଲଢେଇ ଜାରି ରଖିଛି। ୪୦ ଲକ୍ଷ କୋଟି ଟଙ୍କା ଲୁଟ୍ କରିଥିବା ପୁଞ୍ଜିପତିଙ୍କୁ ମୋଦି ଓ ଶାହା ସହଯୋଗ କରୁଛନ୍ତି। ପୋଲିସ ଆମ ବିରୋଧୀ ନୁହେଁ। ପେଟପାଟଣା ପାଇଁ ପୋଲିସ ଚାକିରି କରୁଥିବା ଏହି ଯବାନଙ୍କୁ ସରକାର ବ୍ୟବହାର କରୁଛି । ଏହି ଚାକିରି ତୁରନ୍ତ ଛାଡିବା ପାଇଁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ସୂଚନାଯୋଗ୍ୟ, ଜାରି ବିଜ୍ଞପ୍ତିରେ ମୁଖ୍ୟତଃ ୪ଟି ଦାବି ରହିଛି। ସରକାରଙ୍କ ଦ୍ୱାରା ଦମନ ବଢିଲେ ଜନତାଙ୍କ ପ୍ରତିରୋଧ ବଢିବ, କେନ୍ଦ୍ର, ରାଜ୍ୟ ସରକାରଙ୍କ ଦ୍ୱାରା ଆକାଶମାର୍ଗରୁ ଆକ୍ରମଣ ବନ୍ଦ କରିବା, ଛତିଶଗଡ଼ ବସ୍ତରକୁ ବିଦେଶୀ କମ୍ପାନୀଙ୍କୁ ହସ୍ତାନ୍ତର ନ କରିବା ଆଦି ଉଲ୍ଲେଖ ରହିଛି ।

# ଦ୍ୱିତୀୟ ଦିନରେ ବୁଡିଅଞ୍ଚଳ ଲୋକ ସଙ୍ଗଠନର ଆମରଣ ଅନଶନ


ଜାରି ରହିଥିବା ଅନଶନ।

ନନ୍ଦପୁର, ୨୭।୪ (ଡି.ଏନ.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ବଡଦେବତା ମନ୍ଦିର ନିକଟରେ ବୁଡିଅଞ୍ଚଳ ଲୋକ ସଙ୍ଗଠନ ପକ୍ଷରୁ ଚାଲିଥିବା ଆମରଣ ଅନଶନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବୁଧବାର ବ୍ଲକ ପ୍ରଶାସନିକ ଅଧିକାରୀ, ନନ୍ଦପୁର ତହସିଲଦାର, ଉପଖଣ୍ଡ ପୋଲିସ ଅଧିକାରୀ, ଅତିରିକ୍ତ ତହସିଲଦାର ପ୍ରମୁଖ ଅନଶନରତ ବୁଡି ଅଞ୍ଚଳ ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହେବାରୁ ଅନଶନ ଜାରି ରହିଛି। ବାଲି ସୈରାତ ଲିଜ ବାତିଲ ନ ହେବା ଯାଏ ଅନଶନ ଜାରି ରହିବ। ମାଗଣା ବିଦ୍ୟୁତ ସଂଯୋଗ ସମ୍ପର୍କିତ ମାମଲାର ସମାଧାନ ପାଇଁ ଜିଲା ବିଦ୍ୟୁତ୍ ବିଭାଗ ଓ ଜିଲା ପ୍ରଶାସନିକ ଅଧିକାରୀ ଅନଶନ ସ୍ଥଳକୁ ଆସି ଆଲୋଚନା ନ କରିବା ଯାଏ ଅନଶନ ଜାରି ରହିବ ବୋଲି ସଙ୍ଗଠନ ସଭାପତି କମ୍ଭୁ ଖିଲ, ସମ୍ପାଦକ ନାରାୟଣ ବଡ଼ନାୟକ, ଉପସଭାପତି ଦାସ କୁଲମପେଦା କହିଛନ୍ତି। ସଙ୍ଗଠନ କର୍ମକର୍ତ୍ତା ତ୍ରିନାଥ ବଣ୍ଡା, ପଦଲାମ ବାଟଘରିଆ, ଆଦୁ ଖିଲ, ବିଶ୍ୱନାଥ ଖରା, ଦିବାକର ହିଆଲ, ମଧୁ ମାଝୀ, ଗୋପାଳ ମହାନ୍ତି, ରାମେଶ୍ୱର ସେଠୀ, ବୁଦ୍ଧୁରାମ ମାଝୀଙ୍କ ସମେତ ଅନ୍ୟମାନେ ଅନଶନରେ ସାମିଲ ହୋଇଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ଆଇନ ସେବା ପ୍ରତିରକ୍ଷା କାର୍ଯ୍ୟାଳୟ ଉଦ୍‌ଘାଟିତ

ମାଲକାନଗିରି,୨୭।୪ (ଡି.ଏନ୍.ଏ.)

ମାଲକନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ଦୌରା ଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ଆଇନସେବା ପ୍ରତିରକ୍ଷା କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ଅଧକ୍ଷ ସି. ତାଳପତ୍ର, ମାଲକାନଗିରି ଜିଲା ଜଜ୍ ଅଜନ୍ତା ଷଡଙ୍ଗୀ, ପ୍ରାଧିକରଣ ସଚିବ ରାକେଶ ମୁଦୁଲି, ଜିଲା ଓକିଲ ସଂଘ ସଭାପତି, ଉପସଭାପତିଙ୍କ ସହ ସମସ୍ତ ବିଚାରପତି ଓ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ। ମାଲକାନଗିରି ଜିଲା ପାଇଁ ମୁଖ୍ୟ ଆଇନସେବା ପ୍ରତିରକ୍ଷା ଓକିଲ ଭାବେ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଖାଉଟି ଅଦାଲତ ଅଧକ୍ଷ ଅଶୋକ ପଟ୍ଟନାୟକ ନିଯୁକ୍ତି ପାଇଛନ୍ତି। ସେହିପରି ଓକିଲ ସଂଘର ବରିଷ୍ଠ ଆଇନଜୀବୀ ପ୍ରକାଶ ଚନ୍ଦ୍ର ମହାନ୍ତି ଓ ରାଜେଶ ପଟ୍ଟନାୟକଙ୍କୁ ଉପମୁଖ୍ୟ ପ୍ରତିରକ୍ଷା ଓକିଲ ଭାବେ ଏବଂ ସଂଯୁକ୍ତା ରାଣୀ ଦତ୍ତ ଓ ସମର ପାଣିଗ୍ରାହୀଙ୍କୁ ସହାୟକ ରୂପେ ନିଯୁକ୍ତି ମିଳିଛି। ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକେ ଯେପରି ସରକାରୀ ଖର୍ଚ୍ଚରେ ଆଇନସେବା ପାଇପାରିବେ ସେ ନେଇ ଏହି ବ୍ୟବସ୍ଥା କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ମୁରଲିଧର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମାଲକାନଗିରି ସହ ଓଡିଶାର ଅନ୍ୟ ୧୪ଟି ଜିଲାରେ ଏହି ବ୍ୟବସ୍ଥା ଗୁରୁଠାରୁ ଆରମ୍ଭ ହୋଇଛି। ଏହି ଆଇନ ସେବା ପ୍ରତିରକ୍ଷା କାର୍ଯ୍ୟାଳୟ ନୂତନ କୋର୍ଟ କୋଠାର ଦ୍ୱିତୀୟ ମହଲାରେ କାର୍ଯ୍ୟ କରିବ।


ଉଦ୍‌ଘାଟିତ ହୋଇଥିବା ଆଇନସେବା ପ୍ରତିରକ୍ଷା କାର୍ଯ୍ୟାଳୟ।

# ମଦ,ପୋଚ ଜବତ

ଜୟପୁର,୨୭।୪(ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ବିଭାଗ ଚଢାଉ କରି ମଦ ଓ ପୋଚ ଜବତ କରିଛି। ଚଢାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଜଙ୍ଗଲରୁ ଚମ୍ପଟ ମାରିଥିଲେ । ଅବକାରୀ ବିଭାଗ ୧୭ ଶହ ଲିଟର ପୋଚ ଓ ୧୫୦ ଲିଟର ଦେଶୀ ମଦକୁ ଜବତ କରିଛି । ସେ ସବୁକୁ ନଷ୍ଟ କରାଯାଇଛି ।

# ବଢୁଛି ବେଆଇନ ଇଟାଭାଟି

ବାଲିମେଳା,୨୭।୪(ଡି.ଏନ୍.ଏ.)

ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବହୁ ଅଞ୍ଚଳରେ ବେଆଇନ ଇଟାଭାଟି ବଢିବାରେ ଲାଗିଛି। ଫଳରେ ପରିବେଶ ଦୂଷିତ ହେବା ସହ ଏହା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ସମସ୍ତ ସରକାରୀ ନିୟମକୁ ଉପେକ୍ଷାକରି ଇଟାଭାଟି ମାଲିକମାନେ ଇଟାଭାଟି କରିଚାଲିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବେଆଇନ ଭାବେ ଗଢି ଉଠିଥିବା ଏହିସବୁ ଇଟାଭାଟି ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଅବଗତ ଥିଲେ ନ ଜାଣିବା ପରି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏହାଦ୍ୱାରା ପ୍ରତିବର୍ଷ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି। ବିଭାଗୀୟ କର୍ମଚାରୀମାନେ କେବେ କେମିତି ଇଟାଭାଟିରେ ଚଢ଼ାଉକରି ନୀରବ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରେ ଏପରି ଗଢି ଉଠିଥିବା ବେଆଇନ ଭାଟିଗୁଡିକ ଉପରେ ଚଢ଼ାଉକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଗଢି ଉଠିଥିବା ଇଟାଭାଟି ।

# ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ: ବ୍ୟବସାୟୀ, ଯାତ୍ରୀ ଅସନ୍ତୁଷ୍ଟ

 କୋରାପୁଟ,୨୭।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସଦର ମହକୁମାସ୍ଥିତ ବସ୍‌ଷ୍ଟାଣ୍ଡରେ ଦୈନନ୍ଦିନ ହଜାର ହଜାର ଯାତ୍ରୀ ଯାତାୟାତ କରୁଛନ୍ତି। ବିଭିନ୍ନ ସ୍ଥାନକୁ ଯିବାକୁ ସେମାନେ ବସ୍ ପାଇଁ ଏଠାରେ ଅପେକ୍ଷା କରନ୍ତି। କିନ୍ତୁ କୋରାପୁଟ ସହରର ମଧ୍ୟସ୍ଥଳରେ ଥିବା ବସ୍‌ଷ୍ଟାଣ୍ଡର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ବ୍ୟବସାୟୀ ଓ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି।

କୋରାପୁଟ ବସ୍‌ଷ୍ଟାଣ୍ଡଟି ଜିଲାର ଏକ ମୁଖ୍ୟ ବସ୍‌ଷ୍ଟାଣ୍ଡ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ପୌର ପରିଷଦର। ବସ୍‌ଷ୍ଟାଣ୍ଡ ସହିତ ସହରର ସ୍ୱଚ୍ଛତା ବଜାୟ ରଖିବା ପାଇଁ ପୌର ପ୍ରଶାସନ ପକ୍ଷରୁ ମାସକୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ୫ ବର୍ଷ ପୂର୍ବେ ମ୍ୟୁନିସିପାଲିଟି ପକ୍ଷରୁ ବସ୍‌ଷ୍ଟାଣ୍ଡକୁ ଦୈନନ୍ଦିନ ଝାଡୁ କରାଯିବା ସହ ସପ୍ତାହକୁ ଥରେ ବସ୍‌ଷ୍ଟାଣ୍ଡ ପରିସରକୁ ଫିନାଇଲରେ ସଫା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ବସ୍‌ଷ୍ଟାଣ୍ଡରେ ସପ୍ତାହକୁ ମାତ୍ର ଥରେ ଅଧେ ଝାଡୁ କରାଯାଉଛି ଏବଂ ଫିନାଇଲ ପକାଇ ବସ୍‌ଷ୍ଟାଣ୍ଡ ସଫା କରାଯିବା ପ୍ରାୟ ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ବସ୍‌ଷ୍ଟାଣ୍ଡ ପରିସର ଅଳିଆ ଆବର୍ଜନା ପଡିରହୁଛି। ଏହି ଅବ୍ୟବସ୍ଥା ଯୋଗୁ ବର୍ତ୍ତମାନ ଗାଈ ଓ କୁକୁର ବସ୍‌ଷ୍ଟାଣ୍ଡ ପରିସରରେ ଆଡ୍ଡା ଜମାଉଛନ୍ତି। ସେହିପରି ବସ୍‌ଷ୍ଟାଣ୍ଡ ଉପର ମହଲାରେ ଥିବା ପୌର ପ୍ରଶାସନର ଗୋଦାମ ଗୃହ ମଧ ଭାଙ୍ଗିରୁଜି ବର୍ତ୍ତମାନ


ବସ୍‌ଷ୍ଟାଣ୍ଡରେ ଅଳିଆ ଆବର୍ଜନା ପଡିରହିଛି ।

## କୋରାପୁଟ ବସ୍‌ଷ୍ଟାଣ୍ଡ

ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ କୋଠାରୁ ଅନେକ ସମୟରେ ଇଟା ସିମେଣ୍ଟ ଖଣ୍ଡ ଖସି ଯାତ୍ରୀଙ୍କ ଉପରେ ପଡିବାରୁ ସେମାନେ ଆହତ ହେଉଥିବା ଅଭିଯୋଗ ଆସିଛି। ଉପର ମହଲା ଗୃହ ଭୁଶୁଡି ପଡିବାର ଆଶଙ୍କା ରହିଛି। ବସ୍‌ଷ୍ଟାଣ୍ଡର ପରିମଳ ସମସ୍ୟା ଉପରେ ଦୃଷ୍ଟି ଦେଇ ପୌର ପ୍ରଶାସନ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ଯାତ୍ରୀ, ବ୍ୟବସାୟୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ନେଇ କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କୁ ପଚାରିବାରୁ ବସ୍‌ଷ୍ଟାଣ୍ଡର ପରିମଳ ସମସ୍ୟାର ସମାଧାନ ନେଇ ଆଗକୁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି।

## ଆଜି କ'ଣ କେଉଁଠି

ରାୟଗଡ଼ା

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ, ସ୍ଥାନ–ଯୁଜିଏମଆଇଟି କଲେଜ, ସମୟ–ପୂର୍ବାହ୍ନ ସାଢ଼େ ୧୦ଟା
- ଓକିଲ ଦିବସ, ସ୍ଥାନ–ବିଚାର ବିଭାଗ ଅଦାଲତ, ସମୟ– ସକାଳ ୮ଟା

## ସଂକ୍ଷେପରେ

### ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ



ପଦ୍ମପୁର,୨୭।୪ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ନୂଆସାହି ଠାରେ ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିନିମନ୍ତେ ପଦ୍ମପୁର ଯୁଗଳ କିଶୋର ମହାପ୍ରଭୁଙ୍କ ଦୋଳଯାତ୍ରା ପଡିଆଠାରେ ସ୍ଥାନ ଚିହ୍ନଟ ସହ ଭୂମିପୂଜା, ଧ୍ୱଜାବରଣ, ଦୀପ ସଂସ୍ଥାପନ ଆଦି କରାଯାଇଥିଲା। ପୁରୋହିତ ନୀଳ ମାଧବ ଶତପଥୀ ପୂଜା କାର୍ଯ୍ୟ କରିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ଯଜମାନ ହିସାବରେ ପୂର୍ଣ୍ଣଚନ୍ଦ୍ର ଦାସ ପୂଜାରେ ସହଯୋଗ କରିଥିଲେ। ଠାକୁରାଣୀ ଯାତ୍ରା କମିଟି ସଭାପତି ରଘୁନାଥ ପାଣିଗ୍ରାହୀ, ଉପସଭାପତି ରଘୁନାଥ ମିଶ୍ର, କୋଷାଧ୍ୟକ୍ଷ ଭାରତ ମିଶ୍ର, ମହେଶ ନାୟକ, ସଂପାଦକ ରଘୁନାଥ ପାଢ଼ୀ, ଅଜିତ ପାଢ଼ୀ, ରାମନାଥ ପଣ୍ଡା, ରାଧା ସାହୁ, ହରି ସାହୁ, ଗୋପାଳ ଶତପଥୀ, ଉମ୍ଭଧର ସାହୁ, ସୁନୀଲ ମିଶ୍ର, ବଂଶୀଧର ପାଣିଗ୍ରାହୀ, ମାଝୀ ରଣା,ମୁନା ପାଢ଼ୀ, ବୁଲୁ ପରିଛା, ବିଧାନ ଶତପଥୀ, ସୁଧୀର ଶତପଥୀ, ଶିବ ପଣ୍ଡା, ସୋମନାଥ ପଣ୍ଡା, ସନ୍ତୋଷ କରଙ୍କ ସହ ଗ୍ରାମବାସୀ ସହଯୋଗ କରି ନିକଟସ୍ଥ ଖମ୍ବାରିଗୁଡା ଗ୍ରାମକୁ ଯାଇ ବେଜୁଙ୍କୁ ନିମନ୍ତ୍ରଣ କରିଥିଲେ। ଆସନ୍ତା ୨୩ ତାରିଖରୁ ଏକ ସପ୍ତାହ ବ୍ୟାପୀ ଠାକୁରାଣୀ ଯାତ୍ରା ହେବ।

### କଲେଜ ଗୃହ ଉଦ୍‌ଘାଟିତ

ଟିକିରି,୨୭।୪(ଡି.ଏନ୦.ଏ.)-କାଶୀପୁର ବ୍ଲକ ଟିକିରି ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଗୁରୁବାର ନୂତନ କଲେଜ ଗୃହ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ଟିକିରି ଅଞ୍ଚଳରେ କଲେଜ ନ ଥିବା ହେତୁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଅନ୍ୟ କଲେଜକୁ ପଢ଼ିବା ପାଇଁ ଯାଉଥିଲେ । କିଛିଦିନ ତଳେ ସରକାରଙ୍କ ପକ୍ଷରୁ ଟିକିରି ହାଇସ୍କୁଲରେ କଲେଜ ଖୋଲିବା ସ୍ୱୀକୃତି ମିଳିଥିଲା । ଏହାପରେ ଯୁଦ୍ଧକାଳୀନ ଭିତ୍ତିରେ ଶ୍ରେଣୀଗୃହ ନିର୍ମାଣ ହୋଇଥିଲା। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଗୁରୁବାର ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ସରସ୍ୱତୀ ମାଝି, ବ୍ଲକ ଅଧକ୍ଷ କଣ୍ଠ ମାଝିଙ୍କ ସହ ସାମାଜିକ କର୍ମୀ ବିଦ୍ୟାଧର ନାୟକ, ପ୍ରଧାନ ଶିକ୍ଷକ କମଳ ରଚନ ଖରା, ଶିକ୍ଷକ ରଜିତ୍ର ମିଶ୍ରଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି।

### ରାଧାକୃଷ୍ଣ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ଜିଲା ସଂଯୋଜକ



ଗୁଣପୁର,୨୭।୪ (ଡି.ଏନ୍.ଏ.)-ଗୁଣପୁର ଅଞ୍ଚଳର ବରିଷ୍ଠ ଖବରଦାତା ରାଧାକୃଷ୍ଣ ପଟ୍ଟନାୟକଙ୍କୁ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ରାୟଗଡ଼ା ଜିଲା ସଂଯୋଜକ ଦାୟିତ୍ୱ ଦିଆଯାଇଛି। ସଙ୍ଗଠନର ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହା ଜଣାଇଛନ୍ତି। ରାଧାକୃଷ୍ଣଙ୍କୁ ରାୟଗଡ଼ା ଜିଲାରେ ଜିଲା କମିଟି ଗଠନ ସହ ପ୍ରସାର ପାଇଁ ବିଭିନ୍ନ ଅଞ୍ଚଳ ବୁଲି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଦାୟିତ୍ୱ ଦିଆଯାଇଥିବା ଆବାହକ ନନ୍ଦ ସୂଚନା ଦେଇଛନ୍ତି।

# ରାସ୍ତାକଡ଼ରୁ ହଜାରରୁ ଊର୍ଦ୍ଧ୍ୱ ଗଛ ଗାଏବ

ନବରଙ୍ଗପୁର,୨୭।୪(ବି.ପ୍ର.)

ପୁଣି ନବରଙ୍ଗପୁର ଜିଲାରେ କାଠମାଫିଆଙ୍କ ଦୌରାତ୍ମ୍ୟ ଦେଖାଦେଇଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତାକଡ଼ରୁ ହଜାରରୁ ଊର୍ଦ୍ଧ୍ୱ ଗଛ କାଟି ନେଇଛନ୍ତି ଦୁର୍ବୃତ୍ତ। ଗଛଗୁଡ଼ିକ ଗାଏବ ହେଲାପରେ ବନ ବିଭାଗ, ଓଏଫ୍‌ଡିସି ବିଭାଗ ଓ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପରସ୍ପରକୁ ଦୋଷ ଦେଉଛନ୍ତି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ କୁଣ୍ଠ କୁଣ୍ଠ ହେଉଛି ପ୍ରଶାସନ। ଏହାକୁ ନେଇ ଏକ ବଡ଼ ଧରଣର ଦୁର୍ନୀତି ହୋଇଥିବା ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏଥିରେ କାହାର ସମ୍ପୃକ୍ତି ଅଛି ତାହା ତଦନ୍ତ କରିବାକୁ ଦାବି ହୋଇଛି।

ନବରଙ୍ଗପୁର ଜିଲା ପୂର୍ତ୍ତ ବିଭାଗ ଅଧୀନରେ ଥିବା ନବରଙ୍ଗପୁର–କୋଷାଗୁମୁଡ଼ା ଭାୟା ରାଜୋଡ଼ା ରାସ୍ତା ୨୨ କି.ମି.ର ଉନ୍ନତୀକରଣ ପାଇଁ ୪୪ କୋଟିଟଙ୍କା ମଞ୍ଜୁର ହୋଇଛି। ଏହାର ଟେଣ୍ଡର ପ୍ରକ୍ରିୟା ସରିଥିବାବେଳେ ଉନ୍ନତୀକରଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ପ୍ରଶସ୍ତୀକରଣରେ ବାଧା



ରାସ୍ତା ପାର୍ଶ୍ୱରୁ କଟାଯାଇଥିବା ଗଛ ।

ସୃଷ୍ଟି କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛଗୁଡ଼ିକୁ କାଟିବା ପୂର୍ବରୁ ଚିହ୍ନଟ କରିବା ପାଇଁ ପୂର୍ତ୍ତ ବିଭାଗ, ନବରଙ୍ଗପୁର ବନ ବିଭାଗର ଅନୁମତି ପାଇଁ ଚିଠି ଲେଖିଥିଲା। ପରେ ସ୍ଥାନୀୟ ବନ ବିଭାଗ, ରାଜସ୍ୱ ବିଭାଗ ଓ ପୂର୍ତ୍ତ ବିଭାଗର ଏକ ମିଳିତ ଟିମ୍ ତଦନ୍ତ କରିଥିଲେ। ନବରଙ୍ଗପୁର ବ୍ଲକ ଭାଟିଗାଁ ଛକରୁ ରାଜୋଡ଼ା ପର୍ଯ୍ୟନ୍ତ ପ୍ରାୟ ୪୫୦ଟି ଗଛ କଟାଯିବା ପାଇଁ ଚିହ୍ନଟ କରାଯାଇ ଖୁଣ୍ଟ ପୋତାଯାଇଥିଲା। ତେବେ ବନ ବିଭାଗ ଅନୁମତି ନ ମିଳିବା ପୂର୍ବରୁ ରାସ୍ତାକଡ଼ରୁ ହଜାରରୁ ଊର୍ଦ୍ଧ୍ୱ ଗଛ କାଟି ନିଆଯାଇଛି। ଏହାକୁ ନେଇ ବର୍ତ୍ତମାନ ଏହି ୩ ବିଭାଗ ପରସ୍ପର ମଧ୍ୟରେ ଦୋଷ ଲଦାଲଦି ହେଉଛନ୍ତି। ନିୟମ ଅନୁଯାୟୀ ବନ ବିଭାଗ ଅନୁମତି ଦେବା ପରେ ସେହି ଗଛଗୁଡ଼ିକ ବନ ନିଗମ (ଓଏଫ୍‌ଡିସି ) କାଟିବ। ଓଏଫ୍‌ଡିସି ଉକ୍ତ ଗଛଗୁଡିକୁ କାଟି ବିକ୍ରିକରିବା ପରେ ପ୍ରାୟ ୭୫ ପ୍ରତିଶତ ଅର୍ଥ ପୂର୍ତ୍ତ ବିଭାଗକୁ ଦେବାର ନିୟମ ରହିଛି। ତେବେ ଏହା କେବଳ ଚିହ୍ନଟ ପ୍ରକ୍ରିୟାରେ ସୀମିତ ହୋଇ ରହିଥିଲା। ଗଛ ଚିହ୍ନଟ ହେବାର କିଛିଦିନ ପରେ ସେଗୁଡ଼ିକ ହଠାତ୍ ଉଭାନ ହୋଇଯାଇଛି। କେବଳ

**ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି ୩ ବିଭାଗ**

ଚିହ୍ନଟ ଗଛ ନୁହେଁ, ଏଥିସହ ଅନ୍ୟ ଗଛକୁ ମଧ୍ୟ କାଠମାଫିଆମାନେ କାଟି ସଫା କରିଦେଇଛନ୍ତି। ସେହି ଗଛଗୁଡିକ ମଧ୍ୟରେ ୩୦ରୁ ୪୦ ବର୍ଷର ପୁରାତନ ଚାକୁଣ୍ଡା, ଆକାଶିଆ ଆଦି ଗଛ ରହିଥିଲା। ଏହି ଗଛକୁ କିଏ କାଟିଲା ତାହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ପରିବେଶବିତ୍। ଏ ନେଇ ନବରଙ୍ଗପୁର ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ରଙ୍କୁ ପଚାରିବାରୁ ପୂର୍ତ୍ତ ବିଭାଗ ହିଁ ଏଥିପାଇଁ ଦାୟୀ ବୋଲି କହିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଉକ୍ତ ରାସ୍ତା ଆସୁଛି। ଯଦି ଦୁର୍ବୃତ୍ତ ଗଛ କାଟି ନେଇଗଲେ ତେବେ ବିଭାଗ ପକ୍ଷରୁ ଥାନାରେ ଏତଲା ଦେବା କଥା ବୋଲି କହି ସେ ପୂର୍ତ୍ତ ବିଭାଗ ଉପରେ ଆଙ୍ଗୁଳି ଉଠାଇଛନ୍ତି। ଅନ୍ୟପଟେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ରଙ୍କୁ ପଚାରିବାରୁ ଗଛ କାଟିବାକୁ ବନ ବିଭାଗକୁ ପୂର୍ତ୍ତ ବିଭାଗ ଅନୁମତି ମାଗିଥିଲା। ବର୍ତ୍ତମାନର ସ୍ଥିତ କ'ଣ ଅଛି, ଜାଣି ନ ଥିବା ସେ କହିଛନ୍ତି। ଏଥିସହ ଗଛଗୁଡ଼ିକୁ ତାଙ୍କ ବିଭାଗ ଜଗିପାରିବ ନାହିଁ, ବନ ବିଭାଗ ହିଁ ତାହା ବୁଝିବା କଥା ବୋଲି ସେ କହିଛନ୍ତି। ସେହିଭଳି ଓଏଫ୍‌ଡିସି ଡିଭିଜନାଲ ମ୍ୟାନେଜର ସୌଭାଗ୍ୟ ଆନନ୍ଦଙ୍କୁ ପଚାରିବାର ତାଙ୍କୁ ଉକ୍ତ ଗଛ ଉପରେ କୌଣସି ବିଭାଗ କିମ୍ବା ଅଧିକାରୀ ଜଣାଇ ନ ଥିବା କହିଛନ୍ତି। ତେବେ ତିନୋଟି ବିଭାଗର ପରସ୍ପର ଉପରେ ଦୋଷ ଲଦାଲଦି ମଧ୍ୟରେ ଏହାର ଫାଇଦା ଉଠାଇ ଦିନ ଦିପହରରେ କାଠମାଫିଆ ଗଛଗୁଡ଼ିକ କାଟି ନେଇଗଲେ। ହଜାର ହଜାର ଗଛ ଗୋଟିଏ ଦିନରେ କାଟିନେବା ସମ୍ଭବ ନୁହେଁ। ଗଛଗୁଡ଼ିକ ଉଭାନ ହୋଇଯିବା କୌଣସି ବିଭାଗ ଜାଣି ନ ପାରିବା ସାଧାରଣରେ ଆଚମ୍ବିତ କରୁଛି। ସରକାରୀ ସମ୍ପତ୍ତି କିଭଳି ଦିବାଲୋକରେ ଲୁଟ୍ ହେଉଛି ଏହା ତାହାର ଜ୍ୱଳନ୍ତ ଉଦାହରଣ ବୋଲି ବୁଦ୍ଧିଜୀବୀ କହିଛନ୍ତି।

## ବାହା ନ କରିବାରୁ ଯୁବକଙ୍କ ଆତ୍ମହତ୍ୟା

### ମୃତଦେହ ନିକଟରୁ ସୁଇସାଇଡ୍ ନୋଟ ଜବତ

ଜୟପୁର,୨୭।୪(ନି.ପ୍ର.)

ଜୟପୁର ସହର ବାଲିପେଟା ସାହିରେ ଜଣେ ଯୁବକ ବେକରେ ଶାଢି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାଲିପେଟା ସାହିର ଦୁର୍ଗାପ୍ରସାଦ ପାଣିଗ୍ରାହୀ। ଘରେ ପୁଅ ବେକରେ ଶାଢ଼ୀ ବାନ୍ଧି ଝୁଲୁଥିବା ଦେଖି ମା' ତାଙ୍କ ଭାଇଙ୍କୁ ଫୋନରେ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ ମିଳିଛି। ପରିବାର ଲୋକେ ବିବାହ କରାଇ ନ ଥିବାରୁ ଆତ୍ମହତ୍ୟା କରିବାକୁ ସେ ନିଷ୍ପତ୍ତି ନେଲେ ବୋଲି ସେଥିରେ ଉଲ୍ଲେଖ ଥିବା ପୋଲିସ କହିଛି। ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଜୟପୁର ଟାଉନ ଥାନା ପୋଲିସ ୧୮/୨୩ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରି ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଦୁର୍ଗା ଜଣେ ଅଟୋ ଡ୍ରାଇଭର ଥିଲେ ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଗୁଣପୁର,୨୭।୪(ଡି.ଏନ୍.ଏ.)

**ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭାର ଶୋଭାଯାତ୍ରା**

ଗୁଣପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ୨୦ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । କ୍ଷେତ ମଜଦୁର ସଭାର କେନ୍ଦ୍ରୀୟ ଉପସଭାପତି ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ନିକଟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ମାରକପତ୍ର ଦେଇଥିଲେ। ସେହିପରି ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ସ୍ମାରକପତ୍ର ଦିଆଯାଇଛି। ସମସ୍ତ ଅନଧିକୃତ ବସତିଗୁଡିକର ସମ୍ପୂର୍ଣ୍ଣ ସର୍ଭେ କରି ନୂତନ ଗୃହ ନିୟମ ପ୍ରସ୍ତୁତ କରିବା, ବିକଳ୍ପ ବ୍ୟବସ୍ଥା ବିନା ଘର ଭାଙ୍ଗିବା ବନ୍ଦ କରିବା, କୃଷି ଏବଂ ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ଏକ କେନ୍ଦ୍ରୀୟ ନିୟମ ପ୍ରଣୟନ କରିବା ଓ ସର୍ବନିମ୍ନ ମଜୁରି ବୃଦ୍ଧି କରିବା, ଖାଦ୍ୟସାମଗ୍ରୀ ଉପରୁ ଜିଏସ୍‌ଟି ବନ୍ଦ କରିବା, ବୟସ୍କ ଓ ଦିବ୍ୟାଙ୍ଗମାନଙ୍କ ମାସିକ ଭତ୍ତା ୩୦୦୦ ଟଙ୍କା କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହାୟତା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।




କ୍ଷେତ ମଜଦୁର ସଭା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଠିକ୍ ସମୟରେ ଉଚିତ ମୂଲ୍ୟରେ ସାର, ବିହନ ପ୍ରଦାନ ଦାବି

### ବ୍ଲକସ୍ତରୀୟ ଦ୍ୱିତୀୟ ଚାଷୀ ସମାବେଶ



ଝରିଗାଁ,୨୭।୪ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଛାଟିଗୁଡ଼ା ପଞ୍ଚାୟତ ଅଧୀନ ପ୍ରସିଦ୍ଧ ବିଜାପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଝରିଗାଁ ବ୍ଲକସ୍ତରୀୟ ଦ୍ୱିତୀୟ କୃଷକ ସମାଜ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ତଥା ଝରିଗାଁ କୃଷକ ସମାଜ ସଭାପତି ଅଶୋକ ମୂର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଅତିଥିଭାବେ ଯୋଗଦେଇଥିଲେ। ଉପସ୍ଥିତ ଚାଷୀମାନେ ନିଜର ସମସ୍ୟା ନେଇ କହିଥିଲେ। ଜମିକୁ ଜଳସେଚନ ସୁବିଧା, ଠିକ୍ ସମୟରେ ଉଚିତ ମୂଲ୍ୟରେ ଉନ୍ନତ ମାନର ସାର ଓ ବିହନ ପ୍ରଦାନ, ମଣ୍ଡିରେ ଉଚିତ ମୂଲ୍ୟରେ ଶସ୍ୟ କ୍ରୟ, ଚାଷ କାର୍ଯ୍ୟରେ ବ୍ୟବହୃତ ବିଦ୍ୟୁତ୍ କର ଛାଡ଼, ସରକାରୀ ଯୋଜନାର ସୂଚନା ପ୍ରଦାନ, ଝରିଗାଁ ଏବଂ ବକଡ଼ାବେଡ଼ାରେ ନୂତନ ଶୀତଳ ଭଣ୍ଡାର ସ୍ଥାପନ, ସାର କଳାବଜାରରେ ରୋକ ଲଗାଇବା ପାଇଁ ପଦକ୍ଷେପ ସହ ଆବଶ୍ୟକ ଅନୁଯାୟୀ କୃଷି କର୍ମଚାରୀଙ୍କୁ ନିଯୁକ୍ତି ଦାବି ହୋଇଥିଲା। ସେହିପରି ଚାଷୀମାନଙ୍କ ସମସ୍ୟା ଉପସ୍ଥାପନା କରିବା ପାଇଁ ପଞ୍ଚାୟତସ୍ତରୀୟ ନୂତନ କମିଟି ଗଠନ କରାଯାଇଥିଲା। ଝରିଗାଁ ବ୍ଲକର ୧୩ ପଞ୍ଚାୟତରେ ନୂତନ କମିଟି ଗଠନ ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀ ପଦ୍ମନାଭ ପାଣ୍ଡେ, ପ୍ରେମ ପାଣ୍ଡେ, ଉଦୟ ନାୟକ, ଏମ୍‌ଡି ଗଫୁର, ଲାଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଡ଼ବନ୍ଧା ଅବସ୍ଥାରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ନବରଙ୍ଗପୁର,୨୭।୪(ବି.ପ୍ର.)

**ବ୍ୟାଗ୍, ପକେଟରୁ ମିଳିଲା ୭୨ ହଜାର ଟଙ୍କା, ମୋବାଇଲ**

ନବରଙ୍ଗପୁର ସଦର ବ୍ଲକ ଅଧୀନ ବେହେରାଗୁଡ଼ାସ୍ଥିତ ନୂତନ ମଣ୍ଡେଇ ପଡ଼ିଆ ସାମ୍ନା ବରଗଛରେ ଗୋଡ଼ ବନ୍ଧା ଅବସ୍ଥା ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ଉମରକୋଟ ଥାନା ସାନଭରଣ୍ଡି ଗାଁର ପର୍ଶୁରାମ କୁମ୍ଭାର। ପର୍ଶୁରାମ ଉମରକୋଟର ଏକ ଘରୋଇ କଲେଜର ଯୁକ୍ତ ୨ କଳା ପ୍ରଥମ ବର୍ଷ ଛାତ୍ର। ମୃତକଙ୍କ ବ୍ୟାଗ୍ ଓ ପକେଟରୁ ୭୨ ହଜାର ଟଙ୍କା, ମୋବାଇଲ ନବରଙ୍ଗପୁର ପୋଲିସ ଜବତ କରିଛି।

ସୂଚନାନୁଯାୟୀ, ଗୁରୁବାର ସକାଳୁ ଉକ୍ତ ବରଗଛରେ ୟୁନିଫର୍ମ ପିନ୍ଧା ଜଣେ ଛାତ୍ରଙ୍କ ଗୋଡ଼ବନ୍ଧା ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖିଥିଲେ। ଗଛରେ ଏକ ବ୍ୟାଗ୍ ମଧ୍ୟ ରହିଥିଲା। ଏ ନେଇ ସେମାନେ ନବରଙ୍ଗପୁର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ କଳାହାଣ୍ଡି ଜିଲାର ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଥାନା ଅଧିକାରୀ ନରେଶ ପ୍ରଧାନ, ତହସିଲଦାର ଜୟଦୁତ ଆଚାର୍ଯ୍ୟ, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ କେସ୍ ନଂ. ୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ପର୍ଶୁରାମ ସୋମବାର ସକାଳ ୬ଟାରୁ କଲେଜ ଯିବାକୁ କହି ଘରୁ ବାହାରିଥିଲେ। କିନ୍ତୁ ଘରକୁ ଫେରି ନ ଥିଲେ। ସେ ପୂର୍ବରୁ ମଧ୍ୟ ୮୦ ହଜାର ଟଙ୍କା ନେଇ ଚାଲିଯାଇଥିଲେ। କିଛିଦିନ ପରେ ଘରକୁ ଫେରିଥିଲେ। ଏଥର ମଧ୍ୟ ଫେରି ଆସିବେ ବୋଲି ଅପେକ୍ଷାକରି ରହିଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଏଏସ୍‌ଆଇ ତୁଳସୀରାମ ପୂଜାରୀ ଘଟଣାର ଅଧିକ ତଦନ୍ତ କରୁଛନ୍ତି। ଜବତ ଟଙ୍କା ଓ ମୋବାଇଲ ପର୍ଶୁରାମଙ୍କ ବାପା ରୂପଧରଙ୍କୁ ହସ୍ତାନ୍ତର କରାଯାଇଛି।

# ବିରୋଧୀ ମିଥ୍ୟା ଆରୋପ କରୁଛନ୍ତି: ଏନ୍. ଭାସ୍କର ରାଓ

ରାୟଗଡ଼ା,(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୨୭।୪



**ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଲିଗାଲ ଟିମ୍**

ରାୟଗଡ଼ା ଟ୍ରକ୍ ୟୁନିଅନ ବିବାଦକୁ ନେଇ କଂଗ୍ରେସ ଓ ଭାଜପା ଯେଉଁସବୁ ଅଭିଯୋଗ ଆଣିଛନ୍ତି ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ସେ ସବୁକୁ ଖଣ୍ଡନ କରିଛନ୍ତି। ଟ୍ରକ୍ ୟୁନିଅନ ଓ ମାଓବାଦୀ ନାଁରେ ଚାନ୍ଦା ଆଦାୟ ନେଇ ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ, ମନଗଢ଼ା ଓ ମିଥ୍ୟା ବୋଲି ଭାସ୍କର ଖବରଦାତା ସମ୍ମିଳନୀରେ କହିଛନ୍ତି ।

ସେ ଆହୁରି କହିଛନ୍ତି, କଂଗ୍ରେସ ଓ ଭାଜପା ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ଖେଳ ଖେଳୁଛି । ରାଜନୀତିରୁ ମୋତେ ଦୂରେଇବା ପାଇଁ ବିରୋଧୀ ଦଳଗୁଡିକର ଏହା ଏକ ଉଦ୍ୟମ। ୨୦୦୪ ଏବଂ ପୂର୍ବରୁ କଂଗ୍ରେସ କାହା ସମର୍ଥନରେ ନିର୍ବାଚନ ଜିତିଥିଲା ଏବଂ ବିଜେଡିକୁ ପ୍ରଚାର ପାଇଁ ମନା କରାଯାଇଥିଲା ସେ ନେଇ ଏମ୍‌ପି ଓ କଂଗ୍ରେସର ଦଳୀୟ ନେତାମାନେ ଆଲୋଚନା କରନ୍ତୁ । ଏହା ଜିଲାବାସୀ ଭଲଭାବେ ଜାଣିଛନ୍ତି। ଟ୍ରକ୍‌ମାଲିକ ତଥା କର୍ମଚାରୀଙ୍କ ଭବିଷ୍ୟତ ସୁରକ୍ଷା ଓ ହିତ ପାଇଁ ପ୍ରାୟ ୧୫ ବର୍ଷ ତଳେ ୩୦ରୁ୪୦ ଜଣ ଟ୍ରକ୍ ମାଲିକଙ୍କୁ ନେଇ ଟ୍ରକ୍ ୟୁନିଅନ ଗଠନ ହୋଇଥିଲା । ସ୍ୱର୍ଗତ କାଉନସିଲର ଅଶୋକ ପାଣିଗ୍ରାହୀ, ସ୍ୱର୍ଗତ ବାନାପାଲ୍ଲି ଆପାରାଓ ଓ ଇପିଲି ରାମକ୍ରିଷ୍ଣାଙ୍କ ସହଯୋଗରେ ଟ୍ରକ୍ ୟୁନିଅନ ଆରମ୍ଭ ହୋଇଥିଲା । ପରେ ଟ୍ରକ୍ ମାଲିକଙ୍କ ସଂଖ୍ୟା ବୃଦ୍ଧି ହେବା କାରଣରୁ ସଂଘକୁ ଆହୁରି ମଜଭୁତ କରିବା ପାଇଁ ୪ ବର୍ଷ ତଳେ ୟୁନିଅନକୁ ବିଧିବଦ୍ଧ ଭାବେ ପଞ୍ଜୀକୃତ କରାଯାଇଛି। ଏଥିରେ ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ପଦପଦବୀରେ ବହୁ ଟ୍ରକ୍ ମାଲିକ ରହିବା ସହିତ ଜଣେ ଆଇନଜୀବୀ ସମ୍ପାଦକ ଭାବେ ରହିଛନ୍ତି । ତେବେ ଟ୍ରକ୍ ୟୁନିଅନ ଓ ମାଓବାଦୀଙ୍କ ନାଁରେ ଚାନ୍ଦା ଆଦାୟ ଭଳି କୌଣସି କାର୍ଯ୍ୟକଳାପରେ ସେ ଲିପ୍ତ ନାହାନ୍ତି ବୋଲି ଭାସ୍କର କହିଛନ୍ତି। ଗତ ପୌର ନିର୍ବାଚନରେ ପୌରାଧ୍ୟକ୍ଷ ପଦବୀ ପାଇଁ ବିଜେଡି ଓ ବିରୋଧୀ ଦଳର କେତେଜଣ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ତାଙ୍କ ନିକଟରେ ଲବି ଚଳାଇଥିଲେ। ଦଳରେ କିଏ କେଉଁ ପଦବୀରେ ପ୍ରାର୍ଥୀ ହେବେ ସଭାପତି ନବୀନ ପଟ୍ଟନାୟକ ସେ ନିଷ୍ପତ୍ତି ନେଇଥାନ୍ତି ବୋଲି କହିଥିଲି । ତେଣୁ ଅସନ୍ତୁଷ୍ଟ ବିଜେଡି କର୍ମୀ ଓ ବିରୋଧୀ ଦଳର କେତେଜଣ କର୍ମୀ ରାଜନୈତିକ ଉଦ୍ଦେଶ୍ୟରେ ମୋ ବିରୋଧରେ ମିଥ୍ୟା ଆରୋପ କରିଛନ୍ତି। ଏପରି କଲେ ଜନତାଙ୍କ ସମର୍ଥନ ମିଳିପାରିବ ନାହିଁ । ବରଂ ଭଲ କାମ କରି ଲୋକଙ୍କ ମନ ଜିତିବାକୁ ପଡ଼େ ବୋଲି ଭାସ୍କର କହିଛନ୍ତି । ଅନ୍ୟପକ୍ଷରେ ଟ୍ରକ୍ ୟୁନିଅନକୁ ନିଜ ଅକ୍ତିଆରକୁ ନେବା ପାଇଁ କେତେଜଣ ବ୍ୟକ୍ତି କୁମ୍ଭୀର କାନ୍ଦଣା କାନ୍ଦୁଥିବା ସେ ସୂଚନା ଦେଇଛନ୍ତି। ଭାସ୍କରଙ୍କ ଉପରେ ଲଗାଯାଇଥିବା ମିଥ୍ୟା ଅଭିଯୋଗକୁ ନେଇ ସେ ତାଙ୍କ ଲିଗାଲ ଆଡଭାଇଜରଙ୍କ ସହିତ ଆଲୋଚନା କରିଛନ୍ତି । ଖୁବ୍‌ଶୀଘ୍ର ଲିଗାଲ ଟିମ୍ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଭାସ୍କର କହିଛନ୍ତି ।

## ନବୋଦୟ ବିଦ୍ୟାଳୟ ବାର୍ଷିକ ଉତ୍ସବ




ମୁଖପତ୍ର ଉନ୍ମୋଚନ କରୁଛନ୍ତି ମୁଖ୍ୟ ଅତିଥି।

କୋଲନରା,୨୭।୪(ଡି.ଏନ.ଏ.)

ରାୟଗଡ଼ା ଜିଲା ଥେରୁବାଲି ଠାରେ ଥିବା ଜବାହାର ନବୋଦୟ ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଶିକ୍ଷା ଦେଶର ମେରୁଦଣ୍ଡ । ଯେଉଁ ଦେଶର ଶିକ୍ଷା ଯେତେ ଉନ୍ନତି ସେହି ଦେଶ ସେତେ ଉନ୍ନତ ବୋଲି କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ କୃତୀ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। କାର୍ଯକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ସ୍ଥାନୀୟ ସରପଞ୍ଚ, ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷା କେ ରମଣୀ, ଶିକ୍ଷକ ଅଭିଭାବକ ସଦସ୍ୟ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ନବୋଦୟ ବିଦ୍ୟାଳୟ ଉପାଧ୍ୟକ୍ଷ ଶୁଭଜିତ୍ ସାହା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଋଷିକେଶ ପରିଡ଼ା, ସପ୍ନା ତନ୍ମୟୀ ଜେନା, ଶିବ ଗୁଡୁଙ୍ଗ, ଲଙ୍କନ ତାରକ, ସୁରେନ୍ଦ୍ର କୁମାର, ଖଡଙ୍ଗ ବେହେରା, କ୍ରୀଡା ଶିକ୍ଷୟତ୍ରୀ ବନ୍ଦିତା ନାୟକ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସନ୍ଥ ସୁରଦାସ ଜୟନ୍ତୀ

ରାୟଗଡା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.),୨୭।୪

ରାୟଗଡ଼ା ବ୍ଲକ କଲୋନୀସ୍ଥିତ ସଂସ୍କୃତି ଭବନଠାରେ ସକ୍ଷମ ଅନୁଷ୍ଠାନ ପକ୍ଷରୁ ସନ୍ଥ ସୁରଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସକ୍ଷମର ରାଜ୍ୟ ସଂରକ୍ଷକ ଡ. ବାଦଲ କୁମାର ତାହା,ରାୟଗଡା ଜିଲା ସଂରକ୍ଷକ ଡ. ଭାସ୍କର ରାଓ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ରାୟଗଡା ଖଣ୍ଡ ସଂଘ ଚାଳକ ହରିହର ଖମାରି, ପ୍ରାନ୍ତ ସଚିବ ରାମଚନ୍ଦ୍ର ସାହୁ ଏବଂ ରାୟଗଡା ଭିନ୍ନକ୍ଷମ ମହାସଂଘ ଜିଲ୍ଲା ସଭାପତି ରାକେଶ ହିମିରିକା ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଥମେ ପ୍ରାନ୍ତ ଯୁବପ୍ରମୁଖ ଶ୍ୟାମ କୁମାର ଦାଶ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଖମାରି ସକ୍ଷମର ଭୂମିକା ସମାଜ ପାଇଁ କ'ଣ ତାହା ଆଲୋକପାତ କରିଥିଲେ। ରାକେଶ ହିମିରିକା ଏକ ସୁନ୍ଦର ଭଜନ ଗାନ କରିଥିବା ବେଳେ ରାମଚନ୍ଦ୍ର ସାହୁ ସକ୍ଷମର ଲକ୍ଷ୍ୟ ଏବଂ ପରିକଳ୍ପନା ବିଷୟରେ ଅବଗତ କରାଇବା ସହ ସନ୍ଥ ସୁରଦାସଙ୍କ ବିଷୟରେ କହିଥିଲେ। ମୁଖ୍ୟ ଅତିଥି ମଧ୍ୟ ତାଙ୍କ ବକ୍ତବ୍ୟ ରଖିଥିଲେ। ଶେଷରେ ଶ୍ୟାମ କୁମାର ଦାଶ ଧନ୍ୟବାଦ ଦେବା ସହ କଲ୍ୟାଣମନ୍ତ୍ର କହିବା ପରେ କାର୍ଯ୍ୟକ୍ରମ ସରିଥିଲା। କାର୍ଯ୍ୟକ୍ରମରେ ବିଦ୍ୟୁଲତା ହୁଇକା, ଯୋଗେଶ୍ୱର ଦାଶ, ଗଣେଶ ସାହୁ, ଜଳନ୍ଧର ବାଟେଲି, ସନ୍ତୋଷ ମହାପାତ୍ର, ଝରଣା ମହାନ୍ତି, ଏମ ବିଦ୍ୟାସାଗର, ବସନ୍ତ ଉଲ୍ଲାକା, ପ୍ରଭାତ ମହାପାତ୍ର, ଅଜୟ ରଥ, ରବିପାଟଖଣ୍ଡଲ, ପ୍ରଶାନ୍ତ ପାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।




ମଞ୍ଚାସୀନ ଅତିଥିମାନେ।

# ବଦଳି ତାଲିକା ପ୍ରସ୍ତୁତ କରୁଛି ଜିଲା ମଙ୍ଗଳ ବିଭାଗ

ରାୟଗଡା ଅଫିସ,୨୭।୪

**୬ରୁ ୧୫ବର୍ଷ ପୂରଣ କରି ବିଦ୍ୟାଳୟରେ ପଡି ରହିଛନ୍ତି ଶିକ୍ଷକ**

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ଶିକ୍ଷକମାନେ ଗୋଟିଏ ବିଦ୍ୟାଳୟରେ ୬ବର୍ଷ ପୂରଣ କରିଥିଲେ ବଦଳି ହେବାକୁ ବାଧ ବୋଲି ସରକାରୀ ନିୟମ ରହିଛି। ହେଲେ ଏହି ନିର୍ଦ୍ଦେଶକୁ ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲା ମଙ୍ଗଳ ବିଭାଗରେ କାର୍ଯ୍ୟକାରୀ କରାଯାଉ ନ ଥିବା ପରିଲକ୍ଷିତ ହୋଇଛି।

ଜିଲାର ସମସ୍ତ ୧୧ ବ୍ଲକରେ କଲ୍ୟାଣ ବିଭାଗ ଅଧିନରେ ୧୪୮ଟି ବିଦ୍ୟାଳୟରେ ଶହେ ଜଣରୁ ଊର୍ଦ୍ଧ୍ୱ ଶିକ୍ଷକ ଗୋଟିଏ ବିଦ୍ୟାଳୟରେ ୧୦ରୁ ୧୫ବର୍ଷ ହେଲା ରହିଛନ୍ତି। ଏ ପର୍ଯ୍ୟନ୍ତ ସେମାନଙ୍କୁ ବଦଳି ପାଇଁ ବିଭାଗ ତଥା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲାର ଉପାନ୍ତ ଅଞ୍ଚଳର ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଅସୁବିଧାକୁ ନେଇ ବଦଳି ପାଇଁ ଆବେଦନ କରିଥିଲେ ମଧ୍ୟ ଜିଲା ମଙ୍ଗଳ ବିଭାଗ ତଥା ପ୍ରଶାସନ ଏ ଦିଗରେ କର୍ଣ୍ଣପାତ କରୁ ନ ଥିବା ଶିକ୍ଷକ ମହଲରୁ ଜଣାପଡିଛି। ଚଳିତ ବର୍ଷ ବିଭାଗୀୟ ପତ୍ର ସଂଖ୍ୟା ୫୮୬୪/୨୨।୩।୨୩ ଅନୁଯାୟୀ ୬ବର୍ଷରୁ ଊର୍ଦ୍ଧ୍ୱ ପୂରଣ କରି ସାରିଥିବା ଗୋଟିଏ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ପାଇଁ ନିର୍ଦ୍ଦେଶ ଆସିବା ପରେ ଜିଲା ମଙ୍ଗଳ ବିଭାଗ ଅଧିନସ୍ଥ ୧୪୮ଟି ବିଦ୍ୟାଳୟରୁ ତାଲିକା ମଗାଯାଇଛି । ଜିଲାରେ କଲ୍ୟାଣ ବିଭାଗ ଅଧିନରେ ୪୪ଟି ଉଚ୍ଚ ବିଦ୍ୟାଳୟ, ୫୮ଟି ସେବାଶ୍ରମ,୨ଟି ଆବାସିକ ଆଶ୍ରମ ବିଦ୍ୟାଳୟ, ୩୪ ଆଶ୍ରମ ବିଦ୍ୟାଳୟ, ୭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ୩ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରହିଛି । ଏହି ବିଦ୍ୟାଳୟ ଗୁଡିକରେ ୬୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନରତ ରହିଛନ୍ତି। ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ରହିଥିବା ଶିକ୍ଷକ ମୀନ ବ୍ରେଡକା,ଏସ.ରାମୋଜି ରାଓ, ଗୁଡୁବାଲି ଆଶ୍ରମ ବିଦ୍ୟାଳୟର ଶିକ୍ଷକ ରାମଚନ୍ଦ୍ର ପାଢୀ,ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ବାଗଙ୍କ ଭଳି ବହୁ ଶିକ୍ଷୟତ୍ରୀ ଶିକ୍ଷକ ଦୀର୍ଘ ବର୍ଷ କାର୍ଯ୍ୟ କରି ଆସୁଥିବା ବେଳେ ଏମାନଙ୍କ ବଦଳି ଆବେଦନକୁ ଆଜି ଯାଏଁ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଫଳରେ ଜିଲାର ଅନେକ ଉପାନ୍ତ ଅଞ୍ଚଳରେ ଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ବଦଳି ନ ହୋଇ ଗୋଟିଏ ବିଦ୍ୟାଳୟରେ ୧୦ରୁ ଊର୍ଦ୍ଧ୍ୱ ବର୍ଷ କାର୍ଯ୍ୟ କରି ଆସୁଛନ୍ତି । ବିଶେଷ କରି ସହରାଞ୍ଚଳ ନିକଟରେ ତଥା ରାସ୍ତା କଡରେ ଥିବା ଯାତାୟାତ ପାଇଁ ସୁବିଧା ହେଉଥିବା ବିଦ୍ୟାଳୟଗୁଡିକୁ ୬ବର୍ଷରୁ କମ ପୂରଣ କରିଥିବା ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ଡେପୁଟେଶନ ତଥା ବଦଳି କରି ଦିଆଯାଉଥିବା ବେଳେ ଉପାନ୍ତ ଅଂଚଳର ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ଉପେକ୍ଷା କରାଯାଉଥିବା ଶିକ୍ଷକ ମହଲରେ ଚର୍ଚ୍ଚା ଜୋର ଧରିଛି । ଜିଲା ଶିକ୍ଷା ବିଭାଗରେ ପ୍ରତି ୩ବର୍ଷରେ ବଦଳି ପ୍ରକ୍ରିୟାକୁ ନିୟମିତ ଭାବେ ପୂରଣ କରାଯାଉଥିବା ବେଳେ ଜିଲା ମଙ୍ଗଳ ବିଭାଗରେ କିନ୍ତୁ ବ୍ୟତିକ୍ରମ ଦେଖାଦେଇଛି । ଏ ନେଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଚାରିବାରେ ୬ବର୍ଷରୁ ଊର୍ଦ୍ଧ୍ୱ ପୂରଣ କରିଥିବା ଶିକ୍ଷକଶିକ୍ଷୟତ୍ରୀମାନଙ୍କ ବଦଳି ସଂପର୍କରେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀଙ୍କୁ ପଚାରି ବୁଝିବାରୁ ସରକାରଙ୍କ ମାର୍ଗ ଦର୍ଶିକା ନିର୍ଦ୍ଦେଶାନୁସାରେ ଆସନ୍ତା ଜୁନ ୧୫ ମଧ୍ୟରେ ଜିଲାର ସମସ୍ତ ବିଦ୍ୟାଳୟରୁ ତାଲିକା ମଗାଯାଇଛି । ତାଲିକା ମିଳିବା ପରେ ବଦଳି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଶତପଥି ପ୍ରକାଶ କରିଛନ୍ତି।

